## ସଂକ୍ଷେପରେ

### ୭ ଲକ୍ଷ ଟଙ୍କାର ଗହଣା ଚୋରି

**ଅନୁଗୋଳ ଅଫିସ, ୧୯।୨:** ଅନୁଗୋଳ ଜିଲା ନାଲ୍‌କୋ ଥାନା ଅନ୍ତର୍ଗତ ନାଲ୍‌କୋନଗର କଲୋନୀରୁ ଶନିବାର ରାତିରେ ବଡ଼ ଧରଣର ଚୋରି ହୋଇଛି। ଏ ନେଇ ରାଧାମାଧବ ଦାଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୦/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ରାଧାମାଧବଙ୍କ ସ୍ତ୍ରୀ ନିକଟରେ ଥିବା ଜଗନ୍ନାଥ ମନ୍ଦିରକୁ ଜାଗର ପାଳନ କରିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ତାଙ୍କ ଘରେ ଦୁର୍ବୃତ୍ତମାନେ ପଶି ୭ ଲକ୍ଷ ଟଙ୍କାର ସୁନା ହାର, କାନଫୁଲ, ଚୁଡ଼ି ଓ ରୁପା ବିସ୍କୁଟ ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ନାଲ୍‌କୋ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ନାଲ୍‌କୋ ଥାନା କୁଲାଡ଼ ଗ୍ରାମର ପଦ୍ମିନୀ ଧୀରଙ୍କ ବାସଭବନରୁ ମଧ ଚୋରି ହୋଇଛି। ଏ ନେଇ ପଦ୍ମିନୀଙ୍କ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶନିବାର ଶିବରାତ୍ରି ଥିବାରୁ ସ୍ଥାନୀୟ ମନ୍ଦିରକୁ ପରିବାରବର୍ଗ ଦର୍ଶନ ପାଇଁ ଯାଇଥିଲେ। ଘରକୁ ଫେରି ଦେଖିବାବେଳକୁ ଦୁର୍ବୃତ୍ତମାନେ ଆଲମିରା ତାଡି ଅଳଙ୍କାର ଓ ଟଙ୍କା ଚୋରି କରି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅଞ୍ଚଳରେ ଦିନକୁ ଦିନ ଚୋରି ବଢୁଥିବାବେଳେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି କରାଯାଇଛି।

# ଅଙ୍ଗୁଳିରେ କରିଛନ୍ତି ଆୟତ୍ତ

**■କୁନି ମୃଦଙ୍ଗ ବାଦକ ଗୋବିନ୍ଦ**
**■ମାତ୍ର ୪ ବର୍ଷ ବୟସରୁ ଚର୍ଚ୍ଚିତ**

(ରତନ ନାୟାର)
ଢେଙ୍କାନାଳ ଅଫିସ, ୧୯।୨


ସଂକୀର୍ତ୍ତନ ଦଳ ସହିତ ଗୋବିନ୍ଦ।

**ରାଗ, ରସ, ଛନ୍ଦ ବିଷୟରେ ନାହିଁ ତାଙ୍କର ଯଥେଷ୍ଟ ଧାରଣା। ହେଲେ ହାତ ପାଆନ୍ତାରେ ମୃଦଙ୍ଗଟେ ପାଇଗଲେ ଅସ୍ଥିର ହୋଇଉଠେ ତାଙ୍କ କୋମଳ ଅଙ୍ଗୁଳି। ତାଙ୍କ ଉତ୍ସାହ, ଇଚ୍ଛାଶକ୍ତି ଆଗରେ ଫିକା ଫିକା ଲାଗନ୍ତି ସଂକୀର୍ତ୍ତନମଣ୍ଡଳୀର ବରିଷ୍ଠ କଳାକାର। ମାତ୍ର ୪ ବର୍ଷ ବୟସରେ ମୃଦଙ୍ଗ ବାଦନ ଭଳି କଳାକୁ ଅଙ୍ଗୁଳିରେ ଆୟତ୍ତ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଚାନ୍ଦପୁର ପଞ୍ଚାୟତ ନୂଆବତାସିଂହ ଗ୍ରାମର ଗୋବିନ୍ଦ ପାଣି।**

କାହା ପାଇଁ ବଜରଙ୍ଗୀ ତ କାହା ପାଇଁ ବିରାଜ। ପୁଣି କିଏ ଶ୍ରଦ୍ଧାରେ ଡାକନ୍ତି ଗୋବିନ୍ଦ। ନାଁ ଅଲଗା, ହେଲେ ପରିଚୟ ଗୋଟିଏ। ଏବେ ସେଥିରେ ଯୋଡ଼ିହୋଇଛି କୁନି ମୃଦଙ୍ଗ ବାଦକର ସୁନାମ। ଖେଳିବୁଲିବା ବୟସରେ ପାରମ୍ପରିକ ମୃଦଙ୍ଗ ବାଦନ କଳାକୁ କରାୟତ୍ତ କରି ଢେଙ୍କାନାଳ ଜିଲାବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ୪ବର୍ଷର ଏହି କୋମଳମତି କଳାକାରଙ୍କୁ ନେଇ ଏବେ ସବୁଠି ଚର୍ଚ୍ଚା।

ପରଜଙ୍ଗ ବ୍ଲକ ଚାନ୍ଦପୁର ପଞ୍ଚାୟତ ନୂଆବତାସିଂହ ଗ୍ରାମନିବାସୀ ତଥା ଟାଟା କନସଲ୍‌ଟାନ୍ସି ସର୍ଭିସରେ କାର୍ଯ୍ୟରତ ସଫ୍ଟୱେର ଇଞ୍ଜିନିୟର କୃଷ୍ଣଚନ୍ଦ୍ର ପାଣି ଏବଂ ରାଜଶ୍ରୀ ସୁମିତ୍ରା ରଥଙ୍କ ଏକମାତ୍ର ପୁଅ ହେଉଛନ୍ତି ଗୋବିନ୍ଦ। ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀର ସବୁଠାରୁ କନିଷ୍ଠ ସଦସ୍ୟ ଭାବେ ସେ ଯେତିକି ଜଣାଶୁଣା, ସେତିକି ଚର୍ଚ୍ଚିତ ମୃଦଙ୍ଗ ବାଦନ ପାଇଁ। ଅଷ୍ଟପ୍ରହର ନାମଯଜ୍ଞ, ଯାନିଯାତ୍ରା, ମେଳା, ମହୋତ୍ସବରେ ନାମସଂକୀର୍ତ୍ତନ ଆୟୋଜନ ହେଲେ ପ୍ରଥମେ ଖୋଜାପଡ଼ନ୍ତି ଗୋବିନ୍ଦ। କୋମଳମତି ଚେହେରା ଏବଂ ନିଆରା ମୃଦଙ୍ଗ ବାଦନ ଶୈଳୀ ତାଙ୍କୁ ଦେଇଛି ନୂଆ ପରିଚୟ। ଜଣେ ଭଲ ତାବଲା ଓ ଢୋଲକ ବାଦକ ଭାବେ ବାପା କୃଷ୍ଣଚନ୍ଦ୍ରଙ୍କ ଖ୍ୟାତି ରହିଥିବାବେଳେ ଏହାଦ୍ୱାରା ପିଲାଟି ଦିନରୁ ପ୍ରଭାବିତ ହୋଇଥିଲେ ଗୋବିନ୍ଦ। ମାତ୍ର ଦୁଇବର୍ଷରୁ ବାପାଙ୍କଠାରୁ ଆରମ୍ଭ ହୋଇଥିବା ମୃଦଙ୍ଗ ବାଦନ ଯାତ୍ରା ଏବେ ଆହୁରି ପରିପକ୍ୱ ହୋଇଛି। ସେ ଭୋର୍ ୪ଟା ଏବଂ ସନ୍ଧ୍ୟା ୬ଟାରେ ଦୁଇଓଳି ବାପାଙ୍କ ସହ ଘରେ ଅଭ୍ୟାସ କରୁଛନ୍ତି। ଯମୁନା ଯିବାକୁ ମୋତେ ହେଉଚି ମନା... ଗୀତର ତାଳେତାଳେ ଗୋବିନ୍ଦଙ୍କ ତବଲା ବାଦନ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି। ତାଙ୍କୁ ଜଣେ ଖ୍ୟାତିସମ୍ପନ୍ନ ତବଲା, ଢୋଲକ, ମୃଦଙ୍ଗ ବାଦକ କରିବା ଲାଗି ସମସ୍ତ ଉଦ୍ୟମ କରିବେ ବୋଲି ମା'ବାପା, ଜେଜେବାପା ବସନ୍ତ ପାଣି, ଜେଜେ ମା' ପ୍ରତିମା ପାଣି କହିଛନ୍ତି। ସୂଚନାଯୋଗ୍ୟ, ଗୋବିନ୍ଦ ଏବେ ତାଳଚେର–ଥର୍ମାଲସ୍ଥିତ ଏଜୁକିଡ୍ସରେ ନର୍ସରିରେ ପଢୁଛନ୍ତି।

**ସଙ୍ଗୀତ ସ୍କୁଲରେ ପଢ଼ାଇବାକୁ ଚିନ୍ତା କରିଛୁ**



ଛୋଟ ବୟସରୁ ଗୋବିନ୍ଦ ଗୀତର ତାଳେତାଳେ ମୃଦଙ୍ଗ ବଜାଇବା ଦେଖି ଖୁସି ଲାଗୁଛି। ପୁଅର ଇଚ୍ଛାଶକ୍ତି ଦେଖି ଭବିଷ୍ୟତରେ ତାକୁ କୌଣସି ଏକ ସଙ୍ଗୀତ ସ୍କୁଲରେ ପଢ଼ାଇବା ପାଇଁ ଚିନ୍ତା କରିଛୁ।

-ରାଜଶ୍ରୀ ସୁମିତ୍ରା ରଥ, ମା'

**ଭଲ କଳାକାର କରିବା ପାଇଁ ଉଦ୍ୟମ କରିବୁ**



ଗୋବିନ୍ଦ ୨ବର୍ଷରୁ ମୃଦଙ୍ଗ ବଜାଇବା ଆରମ୍ଭ କରିଛି। ନାମ ସଂକୀର୍ତ୍ତନରେ ସାମିଲ ହେଉଛି। ପାଠ ପଢ଼ାଇବା ସହ ତାକୁ ଜଣେ ଭଲ କଳାକାର କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରିବୁ।

-କୃଷ୍ଣଚନ୍ଦ୍ର ପାଣି, ବାପା

**ନିଜ ନାମକୁ ସାର୍ଥକ କରିଛି**



ପିଲାଟି ଦିନରୁ ଆଧ୍ୟାତ୍ମିକତା ଲକ୍ଷଣ ଥିବା ଦେଖି ତା'ର ନାମ ଗୋବିନ୍ଦ ଓ ବଜରଙ୍ଗୀ ଦେଇଥିଲି। ସେ ନିଜ ନାମକୁ ସାର୍ଥକ କରିଛି। ତାକୁ ଭଲ କଳାକାର କରିବା ପାଇଁ ଭୁବନେଶ୍ୱରରେ ଯାଇ ରହିବୁ ବୋଲି ଚିନ୍ତା କରିଛୁ।

-ବସନ୍ତ କୁମାର ପାଣି, ଜେଜେବାପା

**ଇଚ୍ଛାଶକ୍ତି ଦେଖି ଉତ୍ସାହିତ କରୁ**



ଗ୍ରାମର ଭାଗବତ ଗୃହରେ କୀର୍ତ୍ତନ ହେଲେ ଗୋବିନ୍ଦ ଆସି ପାଖରେ ବସେ। ଆମ ସହ ଗିନି ବଜାଏ। ଏବେ ସେ ଭଲ ମୃଦଙ୍ଗ ବଜାଉଛି। କୁନି ବୟସରୁ ଏଭଳି ଇଚ୍ଛାଶକ୍ତି ଦେଖି ଆମେ ସବୁବେଳେ ଉତ୍ସାହିତ କରୁ।

-ସୁଧାକର ବିଶ୍ୱାଳ, ଗ୍ରାମବାସୀ

# କପିଳାସ: ୪ଟା ୨୮ରେ ଉଠିଲା ମହାଦୀପ


କପିଳାସ ପୀଠର ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଉଛି।

ଢେଙ୍କାନାଳ ଅଫିସ, ୧୯।୨

ଶୈବପୀଠ କପିଳାସରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି ପ୍ରସିଦ୍ଧ ଜାଗରଯାତ୍ରା। ମହାଦେବ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କର ନୀତିକାନ୍ତି ପରେ ପ୍ରାତଃ ୪ଟା ୨୮ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା। ହରହର ମହାଦେବ, ହରିବୋଲ, ହୁଳହୁଳି, ଘଣ୍ଟ, ଶଙ୍ଖନାଦରେ ଅଞ୍ଚଳ କମ୍ପି ଉଠିଥିବାବେଳେ ପୀଠରେ ଜାଗର ଜାଳିଥିବା ମାନସିକଧାରୀ ଏହି ମହାର୍ଘ୍ୟ ବେଳାର ସାକ୍ଷୀ ରହିଥିଲେ।

ମହାଶିବରାତ୍ରି ଉପଲକ୍ଷେ ପୀଠାଧୀଶ ଶ୍ରୀ ଚନ୍ଦ୍ରଶେଖର ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇ ନାଗାଭରଣ ବେଶରେ ଦର୍ଶନ ଦେଇଥିଲେ। ସେହିପରି ଉମାପାର୍ବତୀଙ୍କ ରାଜରାଜେଶ୍ୱରୀ ବେଶ ଦେଖିବାକୁ ନାହିଁ ନ ଥିବା ଭିଡ଼ ଲାଗିଥିଲା। ମହାଦୀପ ଉଠିବା ପରେ ପୂଜାପଣ୍ଡାଙ୍କ ଦ୍ୱାରା ହରିହର ଭେଟ ନୀତି ଅନୁଷ୍ଠିତ ହୋଇଥିଲା। ନୀତିଧୂପ ସମ୍ପନ୍ନ ପରେ ଠାକୁରଙ୍କ ପହୁଡ଼ ପଡ଼ିଥିଲା। ଯୋଗନିଦ୍ରା ଭଙ୍ଗ ପରେ ଭୋର୍ ୫ଟା ୫୦ରେ ମହାଦେବ ଯୋଗୀବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ସକାଳ ୬ଟାରେ ମନ୍ଦିର ସଫେଇ, ମହାସ୍ନାନ, ଜୟମଙ୍ଗଳ ଆଳତି ସମେତ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହୋଇଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି।


ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ଚିତ୍ରଶିଳ୍ପୀ ଜ୍ୟୋତିଷ ଚନ୍ଦ୍ର ସାହୁଙ୍କ ଦ୍ୱାରା ରଙ୍ଗୋଲିରେ ପ୍ରସ୍ତୁତ ଶିବପାର୍ବତୀଙ୍କ ଚିତ୍ର।

## ବେଢ଼ାରୁ ୭ ସାପ ଉଦ୍ଧାର


କପିଳାସ ପୀଠରୁ ଉଦ୍ଧାର ହୋଇଥିବା ସାପ।

ମହାଶିବରାତ୍ରିରେ କପିଳାସ ମନ୍ଦିର ବେଢ଼ାରୁ ବିଭିନ୍ନ ପ୍ରଜାତିର ୭ ସର୍ପ ଉଦ୍ଧାର କରାଯାଇଛି। ମାନସିକଧାରୀମାନେ ଜାଗର ଜାଳି ବସିଥିବା ବେଳେ ସର୍ପ ବିଚରଣ କରୁଥିବା ଦେଖିବାକୁ ମିଳିଥିଲା। ପୀଠରେ ନିୟୋଜିତ ବନ୍ୟଜନ୍ତୁ ଓ ସାପ ଉଦ୍ଧାରକାରୀ ଦଳର ୧୦ ଜଣିଆ ସଦସ୍ୟ ସାପଗୁଡ଼ିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତନ୍ମଧ୍ୟରେ ପାହାଡ଼ିଆ ଚିତି, ବୋଡ଼ା, ଗ୍ରୀନ୍ ଧଣ୍ଡ ଆଦି ପ୍ରଜାତିର ସାପ ଥିଲେ। ତେବେ ଜାଗରଯାତ୍ରା ବେଳେ ଏତେସଂଖ୍ୟକ ସାପ ବାହାରିଥିବା ଆଲୋଚନାର ବିଷୟ ହୋଇଛି।

# ଶାନ୍ତିଶୃଙ୍ଖଳାରେ ସରିଲା ଜାଗରଯାତ୍ରା

ଭାପୁର/ଭୁବନ, ୧୯।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଛଦେଶ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀପଶ୍ଚିମେଶ୍ୱର ମହାଦେବଙ୍କ ଜାଗରଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଶନିବାର ସକାଳୁ ଠାକୁରଙ୍କ ନୀତିକାନ୍ତି ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଭୋର୍ ୩ଟାରେ ମହାଦୀପ ଉଠିବା ପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ ଭାପୁର ନିକଟ ନୀଳକଣ୍ଠେଶ୍ୱର, କାକୁଡ଼ିଭାଗସ୍ଥିତ ସ୍ୱପ୍ନେଶ୍ୱର, ବୃନ୍ଦାବନପୁରସ୍ଥିତ ସ୍ୱପ୍ନେଶ୍ୱର, ଘଟିପିରିସ୍ଥିତ ରାମେଶ୍ୱର ପୀଠରେ ଜାଗରଯାତ୍ରା ସମ୍ପନ୍ନ ହୋଇଛି।

ସେହିପରି ଭୁବନର ବୁଦ୍ଧେଶ୍ୱର ଶୈବପୀଠରେ ଅନୁଷ୍ଠିତ ଜାଗରଯାତ୍ରାରେ ୧୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମୁଖ୍ୟ ପୂଜକ ମହେଶ୍ୱର ମିଶ୍ରଙ୍କ ତତ୍ତ୍ୱାବଧାନରେ ଠାକୁରଙ୍କ ନୀତିକାନ୍ତି କରାଯାଇଥିବାବେଳେ ପ୍ରାତଃ ୩ଟା ୪୦ରେ ମହାଦୀପ ଉଠିଥିଲା। ଅଞ୍ଚଳର କଳାକାରଙ୍କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ରଙ୍ଗୋଲିରେ ଶିବପାର୍ବତୀଙ୍କ ଚିତ୍ର ଆଙ୍କିଥିବା ବିଶିଷ୍ଟ ଚିତ୍ରଶିଳ୍ପୀ ଜ୍ୟୋତିଷ କୁମାର ସାହୁଙ୍କୁ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସନାତନ ସାହୁ, ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ରବିନାରାୟଣ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ନିଗମାନନ୍ଦ ପରମହଂସଙ୍କ ଭକ୍ତ ସମ୍ମିଳନୀ


ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କ ଭକ୍ତ ସମ୍ମିଳନୀରେ ଶ୍ରଦ୍ଧାଳୁମାନେ।

ଢେଙ୍କାନାଳ ଅଫିସ,୧୯।୨

ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କ ୨୪ତମ ବିଭାଗୀୟ ଭକ୍ତ ସମ୍ମିଳନୀ ଢେଙ୍କାନାଳ ସଦର ବ୍ଲକ ରଣପଶିସ୍ଥିତ ସାରସ୍ୱତ ଆଶ୍ରମରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଆସାମ ବଙ୍ଗୀୟ ସାରସ୍ୱତ ମଠ କୋକିଳୀମୁଖର ପୂଜ୍ୟପାଦ ମହନ୍ତ ମହାରାଜଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ସାଧୁ, ଓଡ଼ିଶାର ବିଭିନ୍ନ ସ୍ଥାନରୁ ୨୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଘୋଡ଼ାଗାଡ଼ିରେ ଠାକୁରଙ୍କ ଫଟୋଚିତ୍ରକୁ ନଗର ପରିକ୍ରମା କରାଯାଇଥିଲା। ରବିବାର ପ୍ରାତଃ ୪ଟାରେ ସମସ୍ତ ମା'ମାନଙ୍କୁ ନେଇ ମହିଳା ସମ୍ମିଳନୀ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମ୍ମିଳନୀ କମିଟି ସମ୍ପାଦକ ତନ୍ମୟ ଭାଇ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ୪.୫୦ କି.ମି. ପାଇଁ ଖର୍ଚ୍ଚ ହେବ ୯.୮୧ କୋଟି

**ବାରିହାପୁର ବାଇପାସ୍-ହାତୀଲୁଟାଣି ବାଇପାସ୍ ରାସ୍ତାର ଶିଳାନ୍ୟାସ**

ପରଜଙ୍ଗ, ୧୯।୨(ଡି.ଏନ୍.ଏ.)


ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମନ୍ତ୍ରୀ, ବିଧାୟକଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ୫୩ନଂ. ଜାତୀୟ ରାଜପଥର ବାରିହାପୁର ବାଇପାସଠାରୁ ବଜାର ଦେଇ ହାତୀଲୁଟାଣି ବାଇପାସ୍‌କୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ନବୀକରଣ ହେବ। ୪ କି.ମି. ୫୦ ମିଟର ଦୀର୍ଘ ଏହି ରାସ୍ତା ନିର୍ମାଣରେ ଖର୍ଚ୍ଚ ହେବ ୯ କୋଟି ୮୧ ଲକ୍ଷ ଟଙ୍କା। ରବିବାର ଏହାର ଶିଳାନ୍ୟାସ କରାଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସମ୍ମାନିତ ଅତିଥି ବିଧାୟକ ଡା. ନୃସିଂହ ଚରଣ ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କାନୁନ୍‌ଗୋ, ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ଆମ୍ବା ଅଧ୍ୟକ୍ଷ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଦାସ, ଭୂପେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ତାଳଚେରରୁ କାମାକ୍ଷାନଗର–ଭୁବନ ଦେଇ ଡୁବୁରୀକୁ ସଂଯୋଗ କରୁଥିବା ୫୩ନଂ. ଜାତୀୟ ରାଜପଥ ନିର୍ମାଣ ପରେ ସହର ଦେଇ ଯାଇଥିବା ଏହି ରାସ୍ତା ଅବହେଳିତ ଅବସ୍ଥାରେ ଥିଲା। ଦୈନିକ ସହସ୍ରାଧିକ ଯାନବାହନ ଚଳାଚଳ କାରଣରୁ ଏହା ଶୋଚନୀୟ ହୋଇପଡ଼ିଥିଲା। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଉଦ୍ୟମରେ ଏହାର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏବେ ରାସ୍ତାର ମୋଟ ଚଉଡ଼ା ୩୩ ଫୁଟ ହେବ। ୪୦୫୦ ମିଟର ରାସ୍ତା ମଧ୍ୟରୁ ୮୦୦ ମିଟର କଂକ୍ରିଟ୍ କରାଯିବ। ଅବଶିଷ୍ଟ ୩୨୫୦ ମିଟର ପିଚୁ ହେବ। ଏଥିସହ ବଜାର ମଧ୍ୟରେ ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯିବ। ଆସନ୍ତା ନଭେମ୍ବର ସୁଦ୍ଧା କାମ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ଅନୁଗୋଳ ଅଫିସ, ୧୯।୨:** ଅନୁଗୋଳ ସଦର ଥାନା ଖଲାରୀ ଗଡ଼ପଦା ସାହିରେ ଭଡ଼ାରେ ରହୁଥିବା ବାପୁଜୀ ନାଏକ (୪୬) ରବିବାର ଆତ୍ମହତ୍ୟା କରିଛନ୍ତି। ଘରେ କେହି ନ ଥିବାବେଳେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏ ନେଇ ସଦର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ପୋଲିସ କହିଛି, ବାପୁଜୀଙ୍କ ଘର ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ତେଲିଭୂଇଁ ଅଞ୍ଚଳରେ। ସେ ସ୍ତ୍ରୀ, ଝିଅ ଓ ପୁଅଙ୍କ ସହ ଅନୁଗୋଳରେ ରହୁଥିଲେ। ସ୍ତ୍ରୀ ଓ ଝିଅ ହାଟକୁ ଯାଇଥିବାବେଳେ ପୁଅ ପଢ଼ିବାକୁ ଯାଇଥିଲେ। ଏହି ସମୟରେ ବାପୁଜୀ କୌଣସି କାରଣରୁ ଆତ୍ମହତ୍ୟା କରିଥିବା ଜଣାପଡୁଛି। ହାଟରୁ ଫେରିବା ପରେ ସ୍ତ୍ରୀ ଓ ଝିଅ କବାଟ ପିଟିଥିଲେ ମଧ୍ୟ ସେ ଖୋଲି ନ ଥିଲେ। କବାଟ ଭଙ୍ଗାଯିବା ପରେ ବାପୁଜୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା।

# ଅଧଘଣ୍ଟା ଅଟକି ରହିଲା ୨ ଆମ୍ବୁଲାନ୍ସ

**ବେଆଇନ ପାର୍କିଂ ଯୋଗୁ ରାଜପଥ ଜାମ୍**

**ଛେଣ୍ଡିପଦା,୧୯।୨(ସ୍ୱ.ପ୍ର.)**

ଅନୁଗୋଳ – ଛେଣ୍ଡିପଦା ୬୩ ନଂ. ରାଜ୍ୟ ରାଜପଥର ଛେଣ୍ଡିପଦା ବ୍ଲକ ଗୋପୀନାଥପୁର ନିକଟ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ବେଆଇନ ପାର୍କିଂ ଯୋଗୁ ରବିବାର ରାଜପଥ ଜାମ୍ ହୋଇଯାଇଥିଲା। ଫଳରେ ରୋଗୀ ନେଇ ଯାଉଥିବା ୨ଟି ଆମ୍ବୁଲାନ୍ସକୁ ଏଠାରେ ପ୍ରାୟ ଅଧଘଣ୍ଟା ଅଟକି ରହିବାକୁ ପଡ଼ିଥିଲା। ଅନେକ ସମୟରେ ଏଠାରେ ଟ୍ରାଫିକ ଅବ୍ୟବସ୍ଥା ସୃଷ୍ଟି ହେଉଥିବା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ପେଟ୍ରୋଲ ପମ୍ପ ସମ୍ମୁଖ ରାଜପଥର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ଟ୍ରକ୍ ଓ ହାଇୱା ବେଆଇନ ପାର୍କିଂ କରାଯାଉଥିବାରୁ ଗହଳି ବଢ଼ିଯାଉଛି। ଏହି କାରଣରୁ ତିନି ମାସ ମଧ୍ୟରେ ଦୁର୍ଘଟଣାରେ ୩ ଜଣଙ୍କ ଜୀବନହାନି ହୋଇଛି। ରବିବାର ଅପରାହ୍ନ ୨ଟା ବେଳେ ପେଟ୍ରୋଲ ପମ୍ପ ସମ୍ମୁଖରେ ବହୁ ଟ୍ରକ୍ ବେଆଇନ ଭାବେ ପାର୍କିଂ କରିଥିଲେ। ଫଳରେ ରାଜପଥରେ ଟ୍ରାଫିକ ଜାମ ହୋଇଯାଇଥିଲା। ଏହି ସମୟରେ ଜଣେ ଗର୍ଭବତୀଙ୍କୁ ଓ ଜଣେ ରୋଗୀଙ୍କୁ ନେଇ ଯାଉଥିବା ୨ଟି ଆମ୍ବୁଲାନ୍ସ ଭିଡ଼ ଭିତରେ ଫସି ଯାଇଥିଲା। ଅଧଘଣ୍ଟା ଅଟକି ରହିବା ପରେ ରାସ୍ତା ଟିକେ ଫାଙ୍କା ହେବାରୁ ଆମ୍ବୁଲାନ୍ସକୁ ବାଟ ମିଳିଯାଇଥିଲା। ଏହି ସ୍ଥାନରେ ବାରମ୍ବାର ଏପରି ଅବସ୍ଥା ସୃଷ୍ଟି ହେଉଥିଲେ ମଧ୍ୟ ପୋଲିସ ଓ ତହସିଲ ପ୍ରଶାସନ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହିଁ। ଆଗାମୀ ଦିନରେ ସମସ୍ୟା ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।



ରାଜପଥ ଜାମ ଯୋଗୁ ୨ ଆମ୍ବୁଲାନ୍ସ ଅଟକି ରହିଛି।

# ଶ୍ରମିକ ନେତା ବ୍ରହ୍ମାଶଙ୍କରଙ୍କ ପରଲୋକ

**ତାଳଚେର, ୧୯।୨ (ନି.ପ୍ର.)**



ତାଳଚେର କୋଇଲା ଖଣିର ବିଶିଷ୍ଟ ଶ୍ରମିକ ନେତା ବ୍ରହ୍ମାଶଙ୍କର ମିଶ୍ର (୮୭)ଙ୍କ ରବିବାର ଅପରାହ୍ନ ୨ଟା ବେଳେ ରେମୁଆଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ହିନ୍ଦ୍ ମଜଦୁର ସଭାର ସାଧାରଣ ସମ୍ପାଦକ ଓ ତାଳଚେର କୋଲିୟରୀଜ ମଜଦୁର ସଂଘର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ବିଭିନ୍ନ ଦାବି ହାସଲ କରିବା ସହିତ ଜେବିସିସି ମଜୁରି ବୋର୍ଡରେ କୋଇଲା ଶ୍ରମିକମାନଙ୍କ ମଜୁରି ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ଅନୁଗୋଳ ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଳଚେର କୋଇଲା କ୍ଷେତ୍ରର ସମସ୍ତ ଶ୍ରମିକ ସଂଗଠନର କର୍ମକର୍ତ୍ତା, ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ରେମୁଆଁସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟ୍ୱିଟ୍ ବାର୍ତ୍ତାରେ ଶୋକପ୍ରକାଶ କରିବା ସହିତ ଶ୍ରମିକଙ୍କ ନିମନ୍ତେ କରିଥିବା କାର୍ଯ୍ୟ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି। ସେହିପରି ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପୂର୍ବତନ ଏମ୍‌ପି ରବିନାରାୟଣ ପାଣି ପ୍ରମୁଖ ଶୋକ ପ୍ରକାଶ ସହିତ ତାଳଚେର କୋଇଲା ଖଣି ଅଞ୍ଚଳ ଜଣେ ମୁରବି ଶ୍ରମିକ ନେତାଙ୍କୁ ହରାଇଲା ବୋଲି କହିଛନ୍ତି। ଖବରଦାତା ଦେବୀ ମିଶ୍ର, ଉତ୍କଳ ସାମ୍ବାଦିକ ସଂଘ ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, ଓକିଲ ସଂଘ ସଭାପତି ସନ୍ତୋଷ କୁମାର ସାହୁ, ପୂର୍ବତନ ସଭାପତି ଚିତ୍ତରଞ୍ଜନ ରାଉତ, ଦୟାସାଗର ମିଶ୍ର, ସମ୍ପାଦକ ଦୀନବନ୍ଧୁ ସାହୁ, ବରିଷ୍ଠ ଆଇନଜୀବୀ ଅରୁଣ ଶଙ୍କର ମିଶ୍ର, ହରେକୃଷ୍ଣ ପାତ୍ର, ଓଡ଼ିଶା କୋଲିୟରୀଜ ମଜଦୁର ସଂଘ ସାଧାରଣ ସମ୍ପାଦକ ଶଙ୍କର୍ଷଣ ବେହେରା, ବାବୁଲାଲ୍ ଖଣ୍ଡୁଆଳ, ବିଏମ୍‌ଏସ୍ ଶ୍ରମିକ ନେତା ସୁଦର୍ଶନ ମହାନ୍ତି, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ଶିକ୍ଷାବିତ୍ ବିଭୂତି ଭୂଷଣ ମିଶ୍ର, କାଉନସିଲର ସଞ୍ଜୀବ ଗଡ଼ନାୟକ, ସୁଲେଖ ସେଠୀ, ଭାଜପା ନେତା ଯଯାତି ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ତଥା ସରକାରୀ ଓକିଲ ଗିରିଜା ଶଙ୍କର, ଖବରଦାତା ବିରଜା ଶଙ୍କର, ଖଣି କର୍ମଚାରୀ ସରୋଜ ଶଙ୍କରଙ୍କ ସମେତ ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତୁଣୀ ନାତି ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ବ୍ରାହ୍ମଣୀ ନଦୀ କୂଳସ୍ଥିତ ଶାନ୍ତିଧାମ ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ହାସ୍ୟ ଅଭିନେତା କପିଲ ଶର୍ମାଙ୍କୁ ଉପହାର

**ବଇଣ୍ଡା,୧୯।୨(ଡି.ଏନ.ଏ.)**

ବଲିଉଡ୍ ହାସ୍ୟ ଅଭିନେତା କପିଳ ଶର୍ମାଙ୍କୁ ଶନିବାର ଅନୁଗୋଳ ଜିଲା କିଶୋରନଗର ବ୍ଲକର ଚିତ୍ରଶିଳ୍ପୀ କୁବେର ବାରିକ ଭେଟିବା ସହ ଉପହାର ପ୍ରଦାନ କରିଛନ୍ତି। ମୁମ୍ବାଇରେ କପିଲ ଏକ କାର୍ଯ୍ୟକ୍ରମରେ ଥିବାବେଳେ କୁବେର ତାଙ୍କୁ ଭେଟିବା ସହ ନିଜ ତୂଳୀରେ ଆଙ୍କିଥିବା କପିଲଙ୍କ ପରିବାର ସଦସ୍ୟଙ୍କ ଚିତ୍ରକୁ ଉପହାର ଭାବେ ପ୍ରଦାନ କରିଥିଲେ। ଏହି ଅବସରରେ କପିଳ ଓଡ଼ିଶାକୁ ଭଲ ପାଆନ୍ତି ବୋଲି କୁବେରଙ୍କୁ କହିବା ସହ ଆଗାମୀ ଦିନରେ ଓଡ଼ିଶା ଆସିଲେ କୁବେରଙ୍କୁ ଡାକି ସାକ୍ଷାତ କରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ, କୁବେର ପୂର୍ବରୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଚିତ୍ର ଆଙ୍କି ବେଶ୍ ପରିଚିତ ହୋଇପାରିଛନ୍ତି।


ବଲିଉଡ୍ ହାସ୍ୟ ଅଭିନେତା କପିଳ ଶର୍ମାଙ୍କୁ ଉପହାର ପ୍ରଦାନ କରୁଛନ୍ତି ଚିତ୍ରଶିଳ୍ପୀ କୁବେର।

# ୫୪ ୟୁନିଟ୍ ରକ୍ତ ସଂଗ୍ରହ


ଆମ ଗାଁ ଆମ ଜୀବନବିନ୍ଦୁ ଗୃହଠାରେ ଆୟୋଜିତ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ଅନୁଗୋଳ ଅଫିସ, ୧୯।୨**

ବଅଁରପାଳ ବ୍ଲକ ଜରଡା ପଞ୍ଚାୟତ ପାରିପରା ଗ୍ରାମର ଆମ ଗାଁ ଆମ ଜୀବନବିନ୍ଦୁ ଗୃହଠାରେ ରେଡିୟମ୍ ୟୁଥ୍ କ୍ଲବ ଓ ବିଜୁ ଯୁବ ଜନତା ଦଳ ଦ୍ୱାରା ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦିନେଶ ପ୍ରଧାନ ଯୋଗଦେଇ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଦିଲୀପ କୁମାର ପ୍ରଧାନ, କଞ୍ଚୀରା ସରପଞ୍ଚ ଧର୍ମେନ୍ଦ୍ର ପ୍ରଧାନ, ସରପଞ୍ଚ ରତ୍ନାକର ଦାସ, ସମିତି ସଭ୍ୟ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ୟୁଥ କ୍ଲବ ସଭାପତି କ୍ଷୀରୋଦ କୁମାର ବେହେରା, ସମ୍ପାଦକ ମହେନ୍ଦ୍ର ଘଡ଼େଇ, କ୍ଲବ ସଦସ୍ୟ ଦିବ୍ୟଲୋଚନ ସାହୁ, ସୁମନ୍ତ ଦଳ, ଚିନ୍ତାମଣି ବେହେରା, ସୁଦାମ ବାରିକ, ଦୈତାରୀ ବେହେରା, ମନୋଜ ସାହୁ, ବାବୁଲି ବେହେରା ତଥା କ୍ଲବର ସମସ୍ତ ସଦସ୍ୟ ରକ୍ତଦାନ କରିଥିଲେ।

# ବାଲିପଶି କ୍ରିକେଟ୍: ପାଣିଗେଙ୍ଗୁଟିଆ ଚାମ୍ପିୟନ

**ପରଜଙ୍ଗ, ୧୯।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ବାଲିପଶି ଗ୍ରାମରେ ମା' ମଙ୍ଗଳା କ୍ରିକେଟ୍ କ୍ଲବ ପକ୍ଷରୁ ଚାଲିଥିବା ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବାଇଗିଣିଆକୁ ହରାଇ ପାଣିଗେଙ୍ଗୁଟିଆ ଚାମ୍ପିୟନ ହୋଇଛି। ବାଇଗିଣିଆ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୯୧ ରନ୍ କରିଥିଲା। ଜବାବରେ ପାଣିଗେଙ୍ଗୁଟିଆ ୮.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବଟକୃଷ୍ଣ ମହାଭୋଇ, ନିରଞ୍ଜନ ସାହୁ ଅମ୍ପାୟରିଂ କରିଥିବା ବେଳେ ବ୍ରଜବନ୍ଧୁ ବାରିକ ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ଉପସଭାପତି ତଥା ସାଆନ୍ଦାର ପୂର୍ବତନ ସରପଞ୍ଚ ଗୌତମ ପାଣି, ସମ୍ମାନିତ ଅତିଥି ନାଏବ ସରପଞ୍ଚ ରଜନୀକାନ୍ତ ପାଣି, ପୂର୍ବତନ ଖେଳାଳି ସୁଶୀଲ ସାହୁ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ମା' ମଙ୍ଗଳା ୟୁଥ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

# 'ସବୁଥିରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କର'



**ଭୁବନ, ୧୯।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବାର୍ଷିକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଆଶ୍ରିତ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଯେକୌଣସି କ୍ଷେତ୍ରରେ ଶ୍ରେଷ୍ଠ ହେବାର ଆନନ୍ଦ ଅସୀମ। ତେଣୁ ଶିକ୍ଷା ହେଉ କି କ୍ରୀଡ଼ା ଅବା ସୃଜନଶୀଳତା ସବୁଥିରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କଲେ ଜୀବନରେ ସଫଳତା ହାସଲ କରିପାରିବ ବୋଲି ମୁଖ୍ୟ ଅତିଥି ନିଜ ଅଭିଭାଷଣରେ କହିଥିଲେ।

ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ରଣାଙ୍କ ସଭାପତିତ୍ୱରେ ସରପଞ୍ଚ ସଂଯୁକ୍ତା ସାହୁ, ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ଗୁଣ୍ଡିଚା ଜେନା, ମୋ ସ୍କୁଲ ଅଭିଯାନ ସଭାପତି ଜଳଧର ବାରିକ, ଆଲୁମ୍‌ନି କମିଟି ସଭାପତି କୈଳାସ ଚନ୍ଦ୍ର ରାୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ରୂପାନ୍ତରୀକରଣ, ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ରାଜଶ୍ରୀ ଜେନାଙ୍କ ସମେତ ସମସ୍ତ କର୍ମଚାରୀ, ଅଭିଭାବକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ପୋଖରୀରେ ବୁଡ଼ି ଯୁବକ ମୃତ

**କଣିହାଁ,୧୯।୨(ଡି.ଏନ.ଏ.)**

କଣିହାଁ ବ୍ଲକ କମରେଇ ପଞ୍ଚାୟତ ଟେଣ୍ଟେଇବେରେଣୀ ଗ୍ରାମର ବିଭୂତି କୁମାର ସେଠୀ(୪୭) ରବିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ବିଭୂତି ଦିନମଜୁରିଆ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଅପରାହ୍ନରେ ଗ୍ରାମ ସୀମାନ୍ତ ଜୋଳିବନ୍ଧ ପୋଖରୀକୁ ସେ ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ଼ ଖସି ଯିବାରୁ ଗଭୀର ପାଣିରେ ବୁଡି ଯାଇଥିଲେ। ଖବରପାଇ କଣିହାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ବିଭୂତିଙ୍କୁ ଉଦ୍ଧାର କରି କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ମୃତ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ପୂର୍ବତନ ସରପଞ୍ଚ ଦୁଃଖବନ୍ଧୁ ଭୂଁଆଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

# ରସାୟନ ବିଜ୍ଞାନ ପାଠଚକ୍ର

**ଢେଙ୍କାନାଳ ଅଫିସ, ୧୯।୨**

ଢେଙ୍କାନାଳ କଲେଜ ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ 'ମହାମାରୀ ପରିବର୍ତ୍ତିତ ପରିସ୍ଥିତିରେ ରସାୟନ ବିଜ୍ଞାନ ଶିକ୍ଷା' ଶୀର୍ଷକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ୍ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଆଇଆଇଟି ଖଡଗପୁର ପ୍ରଫେସର ତାରାଶଙ୍କର ପାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ରସାୟନ ବିଜ୍ଞାନର ବିଭିନ୍ନ ମୌଳିକ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ଜୟପ୍ରକାଶ ଦାସ ଷ୍ଟେରିଓ କେମେଷ୍ଟ୍ରୀ ଶିକ୍ଷାଦାନର କଳା ବିଷୟରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଦେବାଶିଷ ମହାନ୍ତି, ପାଠଚକ୍ର ଉପଦେଷ୍ଟା ସୁଜାତା ବେହେରା, ପାଠଚକ୍ର ସମ୍ପାଦକ ସ୍ୱାଧୀନ ପରିଡ଼ା, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ସାହୁ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ବିଭାଗୀୟ ପ୍ରାଚୀରପତ୍ର 'ଆରୋମା' ଉନ୍ମୋଚିତ ହୋଇଥିଲା। ପବିତ୍ର ବେହେରା, ଦୀପ୍ତିସ୍ମିତା ମହାରଣା, ପ୍ରୀତମ୍ ଜେନା, ରାଜେଶ ସାହୁ, ସୁଶ୍ରୀ ସୁକନ୍ୟା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ବିଭାଗୀୟ ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ଅନ୍ୟମାନେ।

# ହାଟ ପଡ଼ିଆରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା

**କଣିହାଁ,୧୯।୨(ଡି.ଏନ.ଏ.)**

କଣିହାଁ ବ୍ଲକ ମହକୁମା ହାଟ ପଡ଼ିଆ ନିକଟ ଶିବମନ୍ଦିର ପ୍ରାଙ୍ଗଣରେ ଶନିବାର ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ନାଏବ ସରପଞ୍ଚ ସୁଭଦ୍ରା ପ୍ରଧାନ, ୱାର୍ଡସଭ୍ୟ ବିକଳ ସାହୁ, ମିନତି ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ ଅର୍ଥରୁ ୪ ଲକ୍ଷ ଟଙ୍କା ବିନିମୟରେ ଏହି ବ୍ୟବସ୍ଥା ହୋଇଛି। ଏହାଦ୍ୱାରା କଣିହାଁ ହାଟକୁ ସାପ୍ତାହିକ ରବିବାର ଓ ଦୈନନ୍ଦିନ ବ୍ୟବସାୟୀ ଏବଂ ମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀ ଉପକୃତ ହୋଇପାରିବେ। ଏଥିପାଇଁ ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ପଞ୍ଚାୟତବାସୀ କୃତଜ୍ଞତା ଜଣାଇଛନ୍ତି। ରବିବାର ସାପ୍ତାହିକ ହାଟକୁ ଆସିଥିବା ବ୍ୟବସାୟୀ ଓ ଜନସାଧାରଣ ଖୁସିବ୍ୟକ୍ତ କରିବା ସହିତ ଏହା ସବୁଦିନ କାର୍ଯ୍ୟକ୍ଷମ ରହିବା ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି।



# ଛେଣ୍ଡିପଦାରେ ମହାଶିବରାତ୍ରି ପାଳିତ

**ଛେଣ୍ଡିପଦା,୧୯।୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକର ବିଭିନ୍ନ ଶୈବପୀଠରେ ପବିତ୍ର ଜାଗର ଯାତ୍ରା ପାଳିତ ହୋଇଯାଇଛି। ବ୍ଲକର ଗଡମଣ୍ଡଳ, ନୂଆଗାଁ, ଛେଣ୍ଡିପଦା, କୋଶଳା, ବାଗେଡିଆ, ମାଛକୁଟା, ନୂଆପଡା, ବାଲିପଟା, ପାଟକୁମୁଣ୍ଡା, ପୋଡାପଡା, କୋରଡା, ନିଶା, କମ୍ପସଲା, ପରଙ୍ଗ, କଇଁଛପଦା, ବ୍ରାହ୍ମଣବିଲ, ଜରପଡା, ଓଗୀ, ପରା, ତୁକୁଡା, କତଡା, ଦୁର୍ଗାପୁର, କଣଲୋଇ ଆଦି ଗ୍ରାମର ଶିବମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଥିଲା। ବହୁ ସଂଖ୍ୟାରେ ମହିଳା ପୁରୁଷ, ଯୁବତୀଯୁବକ ଉପବାସ ରହି ଜାଗର ଜାଳିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖମାର ବାଣେଶ୍ୱର ଶୈବ ପୀଠରେ ରାତ୍ରି ୧୦ଟା ୩୦ରେ ମହାଦୀପ ଉଠିଥିଲା। ଡ୍ରାଇଭର ମହାସଂଘ ଓ ଶିବା ଇଲେକ୍ଟ୍ରୋନିକ୍ସ ପକ୍ଷରୁ ଶିଶୁ କଳାକାରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଓ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଡିଓ ତ୍ରିବିକ୍ରମ କୁମରା, ବୀରମହାରାଜପୁର ତହସିଲଦାର ବିଭୁଦ ଗଡନାୟକ, ବରସାହି ସରପଞ୍ଚ କ୍ଷିରୋଦିନୀ ବେହେରା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସେହିପରି ପୁରୁଣାଗଡ ବରାଳ ବାଲୁଙ୍କେଶ୍ୱର ଶୈବ ପୀଠରେ ରାତ୍ରି ୨ଟାରେ ମହାଦୀପ ଉଠିଥିଲା। କୋଶଳା କଇଅଡ଼ିପ ସାହିରେ ମହାଶିବରାତ୍ରି କମିଟି ସଭାପତି ଶିବରାମ ସାହୁ, ସମ୍ପାଦକ ପବିତ୍ର ମୋହନ ପ୍ରଧାନ ଓ କୋଷାଧ୍ୟକ୍ଷ ଅନିଲ ସାହୁଙ୍କ ନେତୃତ୍ୱରେ ଜାଗର ପାଳନ ହୋଇଥିଲା। ଜେରେଙ୍ଗଦେହୁରୀସାହି ମା'ବୁଢ଼ୀ ପାହାଡ ପାଦଦେଶରେ ଥିବା ସପ୍ତେଶ୍ୱର ମହାଦେବ ମନ୍ଦିରରେ ରାତି ୧୨ଟାରେ ମହାଦୀପ ଉଠିଥିଲା। ଝିଣ୍ଟିପାଳ ଅଷ୍ଟଶମ୍ଭୁ ମନ୍ଦିରରେ ଗ୍ରାମ ସଭାପତି ଲୋଚନ ବେହେରାଙ୍କ ନେତୃତ୍ୱରେ ମନ୍ଦିର ସଭାପତି ଦୁଃଶାସନ ଜେନା, ସମ୍ପାଦକ ପ୍ରମୋଦ ପ୍ରଧାନ, ପଦ୍ମନାଭ ଜେନା ଓ ପୂଜକ ଦୁଃଶାସନ ମହାପାତ୍ର, ଅର୍ଜୁନ ମହାପାତ୍ର, ଦୁର୍ଯ୍ୟୋଧନ ମହାପାତ୍ରଙ୍କ ନେତୃତ୍ୱରେ ଜାଗର ପାଳିତ ହୋଇଥିଲା।



